## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୫ ଗିରଫ

**ବ୍ରହ୍ମପୁର ଅଫିସ, ୧।୯:** ଗୋଷାଣୀନୂଆଗାଁ ପୋଲିସ ବ୍ରହ୍ମପୁର ହରେକୃଷ୍ଣନଗର ବିଡିଏ ପାର୍କ ପଛପଟେ ଶନିବାର ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ କରି ୫ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮ ହଜାର ଟଙ୍କା, ଗୋଟିଏ ତାସ୍ ପ୍ୟାକେଟ୍, ୪ମୋବାଇଲ ଫୋନ ଏବଂ ଦୁଇଟି ବାଇକ୍ ଜବତ କରିଛି। ସମସ୍ତ ଜୁଆଡି ବ୍ରହ୍ମପୁରର ଜେମାଦେଇପେଣ୍ଠ, ପୁରୁଣା ବ୍ରହ୍ମପୁର, ଦେଶୀବେହେରା ସାହି ଏବଂ ପହଲ୍ଲାଦ ନଗର ଅଞ୍ଚଳର ବୋଲି ଜଣାପଡଛି। ଏ ନେଇ ନଂ.୧୦୨/୧୮ରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କୁଳମଣୀ ସେଠୀ ସୂଚନା ଦେଇଛନ୍ତି।

### ଗୋକୁଳଧାମରେ ଦୁଇଦିନିଆ ଜନ୍ମାଷ୍ଟମୀ, ନନ୍ଦ ମହୋତ୍ସବ

**ବ୍ରହ୍ମପୁର ଅଫିସ,୧।୯:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଗୋକୁଳଧାମରେ ରବିବାରଠାରୁ ଦୁଇଦିନ ବ୍ୟାପୀ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହେବ। ପ୍ରଥମ ଥର ପାଇଁ ଏହି ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ରବିବାର ଜନ୍ମାଷ୍ଟମୀ ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟସ୍ତରରେ ଚିତ୍ରାଙ୍କନ, ଭଜନ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ, ଛଦ୍ମବେଶ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାର ନନ୍ଦଉତ୍ସବ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ସନ୍ଧ୍ୟାରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀ ଭଜନ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ଶନିବାର ଗୋକୁଳଧାମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ଦିରର ପ୍ରତିଷ୍ଠାତା ଜଗନ୍ନାଥ ରାଉତ ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ ଗୋକୁଳଧାମ ପରିସରରେ ଆୟୋଜିତ ହେଉଥିବା ଏହି ଉତ୍ସବରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହେବାର ଆଶା ଥିବା ସେ ପ୍ରକାଶ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ କେଦାର ନାଥ ଚୌଧୁରୀ, ଦେବେନ୍ଦ୍ର ଚୌଧୁରୀ, ବଟକୃଷ୍ଣ ଦଳାଇ ଓ ପିଙ୍କୁ ଦଳାଇ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

### ଗୋପାଳପୁର କଲେଜକୁ ରୁଷାର ୨ କୋଟି ଟଙ୍କାର ଅନୁଦାନ

**ବ୍ରହ୍ମପୁର ଅଫିସ,୧।୯-**ଗୋପାଳପୁର କଲେଜକୁ ରୁଷା ଫଣ୍ଡରୁ ୨ କୋଟି ୧୯ ଲକ୍ଷ ୪୮ ହଜାର ୭୫୦ ଟଙ୍କାର ଅନୁଦାନ ମିଳିଛି। ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ହେବା ପରେ କଲେଜକୁ ଏହା ପ୍ରଥମ ଅନୁଦାନ ବୋଲି ଅଧକ୍ଷ ଚକ୍ରଧର ପାତ୍ର କହିଛନ୍ତି। ଏହା ଶ୍ରେଣୀ କକ୍ଷ, ବିଜ୍ଞାନାଗାର, ଗ୍ରନ୍ଥାଗାର ଏବଂ କ୍ରୀଡାର ଉନ୍ନତୀକରଣ ଲାଗି ଖର୍ଚ୍ଚ ହେବ ବୋଲି ଅଧକ୍ଷ କହିଛନ୍ତି। ଏଥିପାଇଁ କଲେଜ ଅଧକ୍ଷ, ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କୁଳପତି ଡ. ଅମରେନ୍ଦ୍ର ନାରାୟଣ ମିଶ୍ର, ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ଧୀରେନ ପଟ୍ଟନାୟକ, ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରିଲା ଯୁକ୍ତ ୩ ଶେଷ ପର୍ଯ୍ୟାୟ ନାମଲେଖା

# ପୂରଣ ହେଲା ମାତ୍ର ୪୨୭ ସିଟ୍

- ୬୧ କଲେଜରେ ଖାଲି ପଡ଼ିଛି ୪୬୦୨
- ବ୍ରହ୍ମପୁରସ୍ଥିତ କଲେଜ ପ୍ରତି ଅଧିକ ଆଗ୍ରହ

**ବ୍ରହ୍ମପୁର ଅଫିସ,୧।୯**

ପ୍ରଥମ ପର୍ଯ୍ୟାୟ ନାମ ଲେଖାପରେ ଖାଲି ପଡ଼ିଥିବା ସିଟ୍‌ଗୁଡ଼ିକ ପୂରଣ ପାଇଁ ଶେଷ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାରେ ୬୧ ମହାବିଦ୍ୟାଳୟରେ ୨୧୧୫୨ ସିଟ୍ ପାଇଁ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଜୁଲାଇ ୧୩ରେ ଶେଷ ହୋଇଥିଲା। ୧୬୯୪୩ ସିଟ୍ ପୂରଣ ହୋଇଥିବା ବେଳେ ୪୨୨୯ ସିଟ୍ ଖାଲି ପଡ଼ିଥିଲା। ଫଳରେ ଶେଷ ପର୍ଯ୍ୟାୟ ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବହୁ ସିଟ୍ ଖାଲି ପଡ଼ିଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୮୨୦ ସିଟ୍ ବୃଦ୍ଧି କରାଯାଇଥିଲା। ଫଳରେ ସିଟ୍ ସଂଖ୍ୟା ୨୧ହଜାର୯୭୨ରେ ପହଞ୍ଚିଥିଲା। ଶେଷ ପଯ୍ୟାୟରେ ବଳକା ସିଟ୍‌ଗୁଡ଼ିକରେ ନାମ ଲେଖା ପାଇଁ ଗତ ୨୩ତାରିଖରେ ଆବେଦନ ଗ୍ରହଣ କରାଯାଇଥିଲା। ୨୮ତାରିଖ ଥିଲା ଆବେଦନର ଶେଷ ତାରିଖ। ୨୯ତାରିଖରେ ଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା। ଏଥିରେ ଯୋଗ୍ୟ ଛାତ୍ରୀଛାତ୍ରମାନେ ଗତ ୩୦ତାରିଖରେ ନାମ ଲେଖାଇଥିଲେ। ୩୧ତାରିଖ ଅପରାହ୍ନ ୫ଟାରେ ସମସ୍ତ ତଥ୍ୟ ଉଚ୍ଚ ଶିକ୍ଷା ବିଭାଗର ୱେବ୍‌ସାଇଟ୍‌ରେ ଅପ୍‌ଟୁଡେଟ୍ କରାଯାଇଛି। ଏଥିରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ଶେଷ ପର୍ଯ୍ୟାୟରେ ମାତ୍ର ୪୨୭ଜଣ ନାମ ଲେଖାଇଛନ୍ତି। ଫଳରେ ମୋଟ ନାମ ଲେଖା ୧୭ହଜାର୩୭୦ରେ ପହଞ୍ଚିଥିବା ବେଳେ ଆହୁରି ୪ହଜାର ୬୦୨ସିଟ୍ ଖାଲି ପଡ଼ିଛି।

କଳାରେ ୧୧ହଜାର୭୯୪ଟି ସିଟ୍ ରହିଥିଲା। ସେଥିରୁ ୯ହଜାର୮୫୭ ସିଟ୍ ପୂରଣ ହୋଇଛି। ୧୯୩୭ ସିଟ୍ ଖାଲି ପଡ଼ିଛି। ଭୌତିକ ବିଜ୍ଞାନରେ ୪ହଜାର୩୩ଟି ସିଟ୍ ରହିଛି। ଶେଷ ପର୍ଯ୍ୟାୟ ସୁଦ୍ଧା ୩ହଜାର୨୪୪ଟି ସିଟ୍ ପୂରଣ ହୋଇଥିବା ବେଳେ ୭୮୯ଟି ଖାଲି ପଡ଼ିଛି। ଜୀବ ବିଜ୍ଞାନରେ ୨୭୬୮ ସିଟ୍ ଥିଲା। ସେଥିରୁ ୨୩୮୫ ସିଟ୍ ପୂରଣ ହୋଇଥିବା ବେଳେ ୩୮୩ଟି ଖାଲି ପଡ଼ିଛି। ବାଣିଜ୍ୟରେ ୩ହଜାର୩୧୩ଟି ସିଟ୍ ରହିଛି। ସେଥିରୁ ୧୮୨୦ଟି ସିଟ୍ ପୂରଣ ହୋଇଥିବା ବେଳେ ୧୪୯୩ଟି ସିଟ୍ ଖାଲି ପଡ଼ିଛି। ସେଲ୍‌ଫ ଫାଇନାନ୍ସରେ ୭୪ଟି ସିଟ୍ ଥିବା ବେଳେ ସମସ୍ତ ସିଟ୍ ପୂରଣ ହୋଇଯାଇଛି।

ତେବେ ବ୍ରହ୍ମପୁର ସହରର ପ୍ରମୁଖ ମହାବିଦ୍ୟାଳୟଗୁଡ଼ିକରେ ପ୍ରାୟତଃ ସିଟ୍ ପୂରଣ ହୋଇଯାଇଛି। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ କଳାରେ ୨୫୬ଟି ସିଟ୍ ରହିଥିବା ବେଳେ ୨୪୫ଟି ପୂରଣ ହୋଇଛି ଏବଂ ମାତ୍ର ୧୧ଟି ଖାଲି ପଡ଼ିଛି। ଭୌତିକ ବିଜ୍ଞାନରେ ୧୨୮ଟି ସିଟ୍ ରହିଥିବା ବେଳେ ୧୨୬ଟି ପୂରଣ ହୋଇଯାଇଛି। ଜୀବ ବିଜ୍ଞାନରେ ୯୬ଟି ସିଟ୍ ଥିବା ବେଳେ ୯୧ଟି ସିଟ୍ ପୂରଣ ହୋଇଯାଇଛି। ଏପରିକି ବାଣିଜ୍ୟରେ ୧୩୮ଟି ସିଟ୍ ରହିଥିବା ବେଳେ ୧୧୬ଟି ପୂରଣ ହୋଇଛି। ଖଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମଧ୍ୟ ନାମ ଲେଖା ଉତ୍ସାହଜନକ ରହିଛି। କଳାରେ ୫୨୫ଟି ସିଟ୍‌ରୁ ୫୧୩ଟି ପୂରଣ ହୋଇଥିବା ବେଳେ ମାତ୍ର ୧୨ଟି ଖାଲି ପଡ଼ିଛି। ଭୌତିକ ବିଜ୍ଞାନରେ ୨୦୮ ସିଟ୍‌ରୁ ୨୦୩ରେ ନାମଲେଖା ହୋଇଛି। ଜୀବ ବିଜ୍ଞାନରେ ୧୭୭ ସିଟ୍‌ରୁ ୧୭୨ ସିଟ୍ ପୂରଣ ହୋଇଛି। ବାଣିଜ୍ୟରେ ୪୧୩ ସିଟ୍‌ରୁ ସମସ୍ତ ସିଟ୍ ପୂରଣ ହୋଇଯାଇଛି। ଶଶି ଭୂଷଣ ରଥ ସରକାରୀ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟର କଳାରେ ୩୧୭ ସିଟ୍ ଥିବା ବେଳେ ୩୦୮ ପୂରଣ ହୋଇଛି। ଭୌତିକବିଜ୍ଞାନରେ ଶହେସିଟ୍‌ରୁ ୯୮, ଜୀବ ବିଜ୍ଞାନରେ ୬୬ରୁ ୬୫ ଏବଂ ବାଣିଜ୍ୟରେ ୧୩୮ରୁ ୧୩୩ ସିଟ୍ ପୂରଣ ହୋଇଛି।

ମହାମାୟୀ ମହିଳା ମହାବିଦ୍ୟାଳୟରେ କଳାରେ ୩୩୭ ସିଟ୍ ଥିବା ବେଳେ ମାତ୍ର ୧୦ ସିଟ୍ ଖାଲି ପଡ଼ିଛି। ଭୌତିକ ବିଜ୍ଞାନ ଏବଂ ଜୀବ ବିଜ୍ଞାନରେ ୧୨୮ ଲେଖାଏ ସିଟ୍ ଥିବା ବେଳେ ୧୨୦ ସିଟ୍ ପୂରଣ ହୋଇଛି। ବାଣିଜ୍ୟରେ ୧୨୮ସିଟ୍‌ରୁ ୧୨୧ଜଣ ନାମ ଲେଖାଇଛନ୍ତି। ଅନ୍ୟପଟେ ସିଟି ଡିଗ୍ରୀ ମହାବିଦ୍ୟାଳୟ ଭଳି ଛୋଟ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ନାମ ଲେଖା ଭଲ ରହିଛି। ଏହି ମହାବିଦ୍ୟାଳୟରେ କଳାରେ ୩୨୦ରୁ ୩୦୭ ସିଟ୍ ପୂରଣ ହୋଇଛି। ଭୌତିକ ବିଜ୍ଞାନରେ ୯୮ରୁ ୯୨ ଏବଂ ଜୀବ ବିଜ୍ଞାନରେ ୯୬ରୁ ୯୪ ସିଟ୍ ପୂରଣ ହୋଇଯାଇଛି। ବାଣିଜ୍ୟରେ ୧୯୨ରୁ ୧୫୦ ସିଟ୍ ପୂରଣ ହୋଇଛି। କେବଳ ସରକାରୀ ନୁହଁ, ଘରୋଇ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ନାମ ଲେଖା ଭଲ ହୋଇଛି। ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରରେ ବିଜ୍ଞାନରେ ୧୭୬ରୁ ୧୭୪ ଏବଂ ବାଣିଜ୍ୟରେ ୮୦ରୁ ସମସ୍ତ ସିଟ୍ ପୂରଣ ହୋଇଯାଇଛି।

## ୬୨ତମ ବୀମା ସପ୍ତାହ ଆରମ୍ଭ



ଖବରଦାତା ସମ୍ମିଳନୀରେ ଉପସ୍ଥିତ(ବାମରୁ) ଗୁପ୍ତେଶ୍ୱର ବାଗ୍, ଶଙ୍କର ପ୍ରସାଦ ପରିଚ୍ଛା ଏବଂ ଶରତ ଚନ୍ଦ୍ର ପାତ୍ର।

**ବ୍ରହ୍ମପୁର ଅଫିସ,୧।୯**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ୬୨ତମ ସ୍ଥାପନା ଦିବସ ତଥା ବୀମା ସପ୍ତାହ ପାଳନ ଶନିବାର ଆରମ୍ଭ ହୋଇଯାଇଛି। ନିଗମ ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶଙ୍କର ପ୍ରସାଦ ପରିଚ୍ଛା ନିଗମର ଧ୍ୱଜାରୋହଣ ଏବଂ ପ୍ରଦୀପ ପ୍ରଜ୍ଜଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଥିଲେ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ରହ୍ମପୁର ମଣ୍ଡଳରେ ଏକ ଲକ୍ଷ ୮୬ହଜାର ୩୧୬ ନୂତନ ବୀମା ପଲିସି ମାଧ୍ୟମରେ ୨୪୮.୨୦ କୋଟି ଟଙ୍କା ପ୍ରିମିୟମ୍ ଆୟକରି ପୂର୍ବ ମଧ୍ୟ କ୍ଷେତ୍ରରେ ପଲିସି ସଂଖ୍ୟା ବୃଦ୍ଧିରେ ତୃତୀୟ ସ୍ଥାନ ଏବଂ ବ୍ୟବସାୟିକ ଲକ୍ଷ୍ୟ ପ୍ରାପ୍ତି କ୍ଷେତ୍ରରେ ପଲିସିସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସର୍ବ ଭାରତୀୟସ୍ତରରେ ୧୧୩ ଡିଭିଜନ୍ ମଧ୍ୟରେ ବ୍ରହ୍ମପୁର ଡିଭିଜନ୍‌ର ପଲିସି ସଂଖ୍ୟା ବଜେଟ୍ ହାସଲ କ୍ଷେତ୍ରରେ ଦଶମ ସ୍ଥାନରେ ରହିଛି। ବର୍ତ୍ତମାନ ନିଗମ ୩୦ ପ୍ଲାନ୍ ମାଧ୍ୟମରେ ପଲିସି ବିକ୍ରୟ କରୁଛି। ବ୍ରହ୍ମପୁର ମଣ୍ଡଳ ଅଧୀନରେ ପ୍ରାୟ ୭ହଜାର ୩ଶହ ଏଜେଣ୍ଟ କାର୍ଯ୍ୟ କରୁଥିବା ବେଳେ ୧୪ ଶାଖା ରହିଛି। ୧୫ ସେଟେଲାଇଟ୍ ଶାଖା କାର୍ଯ୍ୟାଳୟ ରହିଥିବା ବେଳେ ଖୁବ୍ ଶୀଘ୍ର ଦିଗପହଣ୍ଡି ଏବଂ ପୁରୁଷୋତ୍ତମପୁରରେ ଦୁଇଟି ନୂତନ କାର୍ଯ୍ୟାଳୟ ଖୋଲିବ। ବର୍ଷ ବର୍ଷ ଧରି ଦେଶବାସୀଙ୍କ ମଧ୍ୟରେ ଆସ୍ଥା ଓ ବିଶ୍ୱାସର ସଞ୍ଚରଣ ହିଁ ଆଜି ଏଲ୍‌ଆଇସିର ଉପଲବ୍ଧି ବୋଲି ପରିଚ୍ଛା କହିଥିଲେ। ବୀମା ସପ୍ତାହ ପାଳନ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ଜନସଚେତନତା ରାଲି, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଯୋଗ ଶିବିର, ସ୍ୱଚ୍ଛ ଭାରତ ଅଭିଯାନ, ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା, ଚାରା ରୋପଣ ଏବଂ ସାମାଜିକ କାର୍ଯ୍ୟକମ୍ର ସମ୍ପର୍କରେ ମାର୍କେଟିଂ ମ୍ୟାନେଜର୍ ଗୁପ୍ତେଶ୍ୱର ବାଗ୍ ଅବଗତ କରିଥିଲେ। ଏଲ୍‌ଆଇସିର ଆକର୍ଷଣୀୟ ଯୋଜନାଗୁଡ଼ିକ ସମ୍ପର୍କରେ ବିକ୍ରୟ ପ୍ରବନ୍ଧକ ଶରତ ଚନ୍ଦ୍ର ପାତ୍ର ସୂଚନା ଦେବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ, ୧।୯**

ବ୍ରହ୍ମପୁର କିଶୋର ନ୍ୟାୟ ପରିଷଦରେ ଶନିବାର ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ଜିଲା ଆଇନ ସେବା ପ୍ରାଧିକରଣ ଗଞ୍ଜାମ ଦ୍ୱାରା ପାରା ଲିଗାଲ ଭଲ୍ୟୁଣ୍ଟରଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ଖୋଲିବାର ମୁଖ୍ୟ ଉଦ୍ଦେଶ୍ୟ କୌଣସି ମାମଲାରେ ବାଳ ଅପରାଧୀମାନେ ଯେପରି ନିଜର ମକଦ୍ଦମା ପରିଚାଳନା ଲାଗି ଓକିଲ ନିଯୁକ୍ତିରେ ହଇରାଣ ନ ହୁଅନ୍ତି ଏଥିନିମନ୍ତେ ସେହି କେନ୍ଦ୍ରରେ ନିୟୋଜିତ ପାରା ଲିଗାଲ ଭଲ୍ୟୁଣ୍ଟରମାନେ ତଦାରଖ କରିବେ। ଏଥି ନିମନ୍ତେ ପ୍ରାଧିକରଣ ନିକଟରେ ୨୦ ସୀକୃତିପ୍ରାପ୍ତ ଓକିଲ ରହିଛନ୍ତି। ଉଦ୍‌ଘାଟନ ଉତ୍ସବ ସଦର କୋର୍ଟରେ ସମସ୍ତ ବିଚାରପତି, ଓକିଲ ଓ ପାରାଲିଗାଲ ଭଲ୍ୟୁଣ୍ଟରମାନେ ଯୋଗ ଦେଇଥିଲେ। ଜିଲା ତଥା ପ୍ରାଧିକରଣ ଅଧକ୍ଷ ବିଭୁ ପ୍ରସାଦ ରାଉତରାୟଙ୍କ ନେତୃତ୍ୱରେ ଓ କିଶୋର ନ୍ୟାୟ ପରିଷଦ ବିଚାରପତି ଦିଲୀପ ସ୍ୱରୂପ କୁମାର ସେଠୀଙ୍କ ସହଯୋଗରେ ଏହି ସହୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏହାକୁ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



@ ରତନ



@ ଦୁର୍ଗା



@ ଲକ୍ଷ୍ମୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଜିଲା ମହିଳା ସମବାୟ ସମିତି ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୧।୯**

ଗଞ୍ଜାମ ଜିଲା ମହିଳା ଗୃହରଣ ଓ ସଞ୍ଚୟ ସମବାୟ ସମିତି ବାର୍ଷିକୋତ୍ସବ ଶନିବାର ମହାନଗର ନିକଟ ମହୁରୀ କାଳୁଆ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ବନ୍ଦନା ମହାରଣା ଏଥିରେ ଅଧ୍ୟକ୍ଷତା କରିଥିଲେ ଓ ବ୍ରହ୍ମପୁର ସହକାରୀ ସମବାୟ ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମବାୟ ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ସ୍ୱାଇଁ ସମବେତ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ସମବାୟର ବିକାଶ ପାଇଁ ନିଆଯାଇଥିବା ସରକାରୀ ପଦକ୍ଷେପର ଫଳପ୍ରଦ ରୂପାୟନ ଲାଗି ସମିତି କର୍ମକର୍ତ୍ତା ଓ ସଦସ୍ୟାମାନେ ନିଷ୍ଠାପର ପ୍ରୟାସ କରିବା ଉପରେ ସହକାରୀ ନିବନ୍ଧକ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସହକାରୀ ନିବନ୍ଧକ ସୂର୍ଯ୍ୟ ନାରାୟଣ ପାତ୍ର, ସାମାଜିକ କର୍ମୀ ଓ ବରିଷ୍ଠ ସଂଗଠକ ରବି ରଥ ସମ୍ମାନିତ ଅତିଥି ଥିଲେ। ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କ ବିକାଶରେ ଅନ୍ତରାୟ ସୃଷ୍ଟି ହେଉଥିବାରୁ ମହିଳା ସଶକ୍ତୀକରଣକୁ ଅଧିକ ଜୋରଦାର କରିବାକୁ ରଥ ପରାମର୍ଶ ଦେଇଥିଲେ। ଉତ୍ସବରେ ପଙ୍କଜ ନାୟକ, ଖଲି ସାହୁ, ମନୋହର ମହାରଣା, ମମତା ପାଢ଼ୀ, ସୁଜାତା ମହାରଣା, ବିନୋଦ ମହାରଣା, ସୁଦାମ ମହାରଣା ଯୋଗ ଦେଇଥିଲେ। ମହିଳାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ପାଇଁ ସବୁ ସ୍ତରରେ ମିଳିତ ଉଦ୍ୟମ କରାଯିବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ।

## ଥାଇରଏଡ୍ ଚିକିତ୍ସା ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ୍,୧।୯**

ଭାରତରେ ୧୦ରୁ ୧୨ପ୍ରତିଶତ ଲୋକ ଥାଇରଏଡ୍‌ରେ ଆକ୍ରାନ୍ତ। ଏହି ପରିପ୍ରେକ୍ଷୀରେ ଦକ୍ଷିଣ ଓଡ଼ିଶାର ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତରମାନଙ୍କୁ ବିଜ୍ଞାନ ଭିତ୍ତିକ ତଥା ଆଧୁନିକ ତଥ୍ୟରେ ଅବଗତ କରିବା ପାଇଁ ସିଲ୍କ ସିଟି ସର୍ଜନ କ୍ଲବ ଏବଂ ବଡ଼ମେଡ଼ିକାଲ୍ ଶଲ୍ୟ ଚିକିତ୍ସା ସ୍ନାତକୋତ୍ତର ବିଭାଗର ମିଳିତ ଆନୁକୂଲ୍ୟରେ ଖ୍ରୀଷ୍ଟିୟାନ୍ ହସ୍‌ପିଟାଲ୍‌ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏମ୍‌କେସିଜି ମେଡ଼ିକାଲ୍ କଲେଜର ଆସୋସିଏଟ୍ ପ୍ରଫେସର ଡା. ସୁଧାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନିଲ କୁମାର କୋଟା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଡା. କୋଟା ଉପସ୍ଥିତ ଡାକ୍ତରମାନଙ୍କୁ ଥାଇରଏଡ୍‌ର କାରଣ, ଲକ୍ଷଣ, ନିଦାନ ଏବଂ ଚିକିତ୍ସା ସମ୍ପର୍କରେ ଅବଗତ କରାଇଥିଲେ। ଶଲ୍ୟ ଚିକିତ୍ସା ବ୍ୟତୀତ ଅନ୍ୟ କେତେକ ପଦ୍ଧତି ଯଥା ଆଲକହଲ୍ ଇଞ୍ଜେକ୍ସନ୍, ରେଡିଓ ଫ୍ରିକ୍ୱେନ୍ସି ଆବ୍ଲେସନ୍, ଥର୍ମାଲ୍ ଆବ୍ଲେସନ୍ ଦ୍ୱାରା ମଧ୍ୟ ଥାଇରଏଡ୍ ଅର୍ବୁଦର ଚିକିତ୍ସା କରାଯାଇପାରିବ। ପ୍ରାୟତଃ ୭୦ଜଣ ଶଲ୍ୟ ଚିକିତ୍ସକ ଏବଂ ସ୍ନାତକୋତ୍ତର ଛାତ୍ର ଏଥିରେ ଯୋଗଦେଇ ଡା. କୋଟାଙ୍କଠାରୁ ନିଜ ସନ୍ଦେହ ଦୂର କରିଥିଲେ। ସିଲ୍କ ସିଟି ସର୍ଜନ କ୍ଲବ ପରିଚାଳକ ଡା. ଶିବପ୍ରସାଦ ପଟ୍ଟନାୟକ ଏଭଳି କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିଥିଲେ। ଏମ୍‌କେସିଜି ମେଡ଼ିକାଲ୍ କଲେଜ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ରସାନନ୍ଦ ମଙ୍ଗୁଆଳ ଏହି ଅବସରରେ ଡା. କୋଟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖ୍ରୀଷ୍ଟିୟାନ୍ ହସ୍‌ପିଟାଲ୍‌ର ମୁଖ୍ୟ ଡା. ମିନାଲ୍ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡା. କୋଟା ଆସନ୍ତା ୧୬ ତାରିଖରେ ବ୍ରହ୍ମପୁରସ୍ଥିତ ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍ ଆନୁକୂଲ୍ୟଷର ଆଇଏମ୍ଏ ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଦକ୍ଷିଣ ଓଡିଶା ଥାଇରଏଡ୍ ସିମ୍ପୋଜିଅମ୍‌କୁ ଉପସ୍ଥିତ ଡାକ୍ତରମାନଙ୍କୁ ନିମନ୍ତ୍ରଣ କରିଥିଲେ। ଏଥିରେ ଥାଇରଏଡ୍ ସମ୍ବନ୍ଧୀୟ ୯ଟି ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଦକ୍ଷିଣ ଓଡ଼ିଶାର ପ୍ରାୟ ୩ଶହ ଡାକ୍ତର ଏଥିରେ ଭାଗନେବାର କାର୍ଯ୍ୟକ୍ରମ ରହିଛି।



ଡ. ସୁନୀଲ କୁମାର କୋଟାଙ୍କୁ ଡା. ରସାନନ୍ଦ ମଙ୍ଗୁଆଳ ସମ୍ବର୍ଦ୍ଧିତ କରୁଛନ୍ତି।

## ନିର୍ବାଚିତ ପରିଷଦ କାର୍ଯ୍ୟକାଳ ପୂରିବ ୩୦ରେ

**ବ୍ରହ୍ମପୁର ମହାନଗର ନିଗମ**
- ପରିଚାଳନା ଦାୟିତ୍ୱ ନେବେ ସରକାର
- ଶେଷ ବର୍ଷରେ କଂଗ୍ରେସମୁକ୍ତ ହୋଇଥିଲା ପରିଷଦ

**ବ୍ରହ୍ମପୁର ଅଫିସ,୧।୯**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ନିର୍ବାଚିତ ମେୟର ଓ କର୍ପୋରେଟରଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଚଳିତ ମାସ ୩୦ରେ ପୂରିବ। ୨୦୧୮ ପୌର ନିର୍ବାଚନ ହେବାର ସମ୍ଭାବନା ନ ଥିବାରୁ ପରିଷଦ ଭାଙ୍ଗିବ ଓ ନିୟମ ପ୍ରକାରେ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯିବ। ଗଞ୍ଜାମ ଜିଲାପାଳ ବା ଦକ୍ଷିଣାଞ୍ଚଳ ଆରଡିସି ବିଏମ୍‌ସିର ମୁଖିଆ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ସୂଚନାଯୋଗ୍ୟ, ୨୦୧୩, ସେପ୍ଟେମ୍ବର ୧୯ରେ ଏଠାରେ ପୌର ନିର୍ବାଚନ ହୋଇଥିଲା। ସେହି ମାସ ୩୦ରେ ମେୟର ନିର୍ବାଚନ ଲାଗି ନିର୍ବାଚିତ କର୍ପୋରେଟରଙ୍କ ପ୍ରଥମ ବୈଠକ ଗଞ୍ଜାମ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ମେୟର ପଦ ଓବିସି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ୧୬ନଂ. ୱାର୍ଡ ବିଜେଡିରୁ ନିର୍ବାଚିତ କର୍ପୋରେଟର କେ. ମାଧବୀ ନିର୍ବାଚିତ ହୋଇଥିଲେ। ସେହିପରି ନଭେମ୍ବର ୨୫ରେ ହୋଇଥିବା ଡେପୁଟି ମେୟର ନିର୍ବାଚନରେ ନିର୍ବାଚିତ ହୋଇଥିଲେ ୩୭ନଂ. ୱାର୍ଡ ବିଜେଡି କର୍ପୋରେଟର ଜ୍ୟୋତ୍ସ୍ନା ନାୟକ। ପ୍ରଥମ କରି ଗୋଟିଏ ଦଳର ଦୁଇ ମହିଳା ମେୟର ଓ ଡେପୁଟି ମେୟର ହୋଇ ଇତିହାସ ସୃଷ୍ଟି କରିଥିଲେ।

ଗତ ପୌର ନିର୍ବାଚନ ବିଜେଡିକୁ ଚ୍ୟାଲେଞ୍ଜି ହୋଇଥିଲା। ତେଣୁ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନିର୍ବାଚନୀ ପ୍ରଚାରରେ ଆସି ମହାନଗର ସାରା ରୋଡ ଶୋ କରିଥିଲେ। ଆୟୋଜିତ ସଭାରେ ନବୀନ ପଟ୍ଟନାୟକ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ବିକ୍ରମ ଆରୁଖ, ଉଷା ଦେବୀ ଓ ସେତେବେଳେ ପଞ୍ଚାୟତିରାଜ ମନ୍ତ୍ରୀ ଥିବା ସ୍ୱର୍ଗତ କଳ୍ପତରୁ ଦାସ ଏଠାରେ ଡ଼େରା ପକାଇଥିଲେ। ଏହାସହ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନାଙ୍କ ସମେତ କେତେକ କର୍ପୋରେଟର, ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ବିଜେଡି ନେତା ସୁବାସ ସିଂ ପ୍ରମୁଖ ଘମାଘୋଟ ପ୍ରଚାର କରିଥିଲେ। ଶାସକ ବିଜେଡିରୁ ୨୪ କର୍ପୋରେଟର ଏବଂ କଂଗ୍ରେସରୁ ୧୫ ଜିତିଥିଲେ। ୩ନଂ. ୱାର୍ଡରୁ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ୪୦ ୱାର୍ଡରେ ପ୍ରାର୍ଥୀ ଦେଇ ମଧ ଭାଜପା ଖାତା ଖୋଲିପାରି ନ ଥିଲା। ଅଧିକାଂଶ ପ୍ରାର୍ଥୀଙ୍କ ଅମାନତ ଉଡ଼ି ଯାଇଥିଲା। ତେଣୁ ବିଜେଡି ଓ କଂଗ୍ରେସ ମଧ୍ୟରେ ନିର୍ବାଚନୀ ଲଢ଼େଇ ଜୋରଦାର ହୋଇଥିଲା। କେଉଁ ଆବହମାନ କାଳରୁ କଂଗ୍ରେସ ଦଖଲରେ ଥିବା ଏଠାର ସ୍ୱାୟତ୍ତ ଶାସନ ସଂସ୍ଥା ତୃତୀୟ ଥର ପାଇଁ ବିଜେଡି ଦଖଲ କରିଥିଲା।

ମହିଳାଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷଣ ସତ୍ତ୍ୱେ ୨୦୧୩ ପୌର ନିର୍ବାଚନରେ ବିଏମ୍‌ସିକୁ ବିଜେଡି ଓ କଂଗ୍ରେସରୁ ୨୪ ମହିଳା କର୍ପୋରେଟର ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୧୬ ପୁରୁଷଙ୍କ ମଧ୍ୟରୁ କଂଗ୍ରେସ ଓ ବିଜେଡିର ୧୫ ଏବଂ ଜଣେ ସ୍ୱାଧୀନ ଅଛନ୍ତି। ଅପରପକ୍ଷେ ପୌରସଂସ୍ଥାରେ ଦଳବଦଳ ନିରୋଧ ଆଇନ ଲାଗୁ ହୋଇ ନ ଥିବା ପୂର୍ବରୁ କଂଗ୍ରେସରୁ ୨ ଜଣ କର୍ପୋରେଟର ବିଜେଡିରେ ସାମିଲ ହୋଇଥିଲେ। ୨୬ନଂ. ୱାର୍ଡର କଂଗ୍ରେସରୁ ନିର୍ବାଚିତ ମହିଳା କର୍ପୋରେଟର ଚିନ୍ମୟୀ ପାଢ଼ୀଙ୍କ ପରଲୋକ ହୋଇଥିବାରୁ ପାପୁଲି ଦଳ କର୍ପୋରେଟରଙ୍କ ସଂଖ୍ୟା ୧୨କୁ ଖସିଥିଲା। ୨୨ନଂ. ୱାର୍ଡର କଂଗ୍ରେସ କର୍ପୋରେଟର ଦଳରୁ ଇତିମଧ୍ୟରେ ଇସ୍ତଫା ଦେଇଛନ୍ତି। ତେଣୁ ସେହି ଦଳର ସଂଖ୍ୟା ୧୧କୁ ହ୍ରାସ ପାଇଛି। ୨୬ନଂ. ୱାର୍ଡରେ ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜିତିଛନ୍ତି। ପୂର୍ବତନ ମେୟର ଶିବ ଶଙ୍କର ଦାସ ୨୮ନଂ. ୱାର୍ଡରୁ ବିଜେଡିରୁ ଜିତିଥିଲେ ଓ ପରେ ସେ ଭାଜପାରେ ସାମିଲ ହୋଇଥିଲେ। ତେଣୁ ପଦ୍ମ ଦଳ କର୍ପୋରେଟରଙ୍କ ସଂଖ୍ୟା ମାତ୍ର ୨ରେ ସୀମିତ ରହିଛି। ଏପ୍ରିଲ ୪ରେ ଏଠାରେ ବିଜେଡିର ମହାମିଶ୍ରଣ ପର୍ବ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ ଓ ତାଙ୍କ ଉପସ୍ଥିତିରେ ୧୧ କଂଗ୍ରେସ କର୍ପୋରେଟର ବିଜେଡିରେ ଯୋଗ ଦେଇଥିଲେ। ଫଳରେ ବିଏମ୍‌ସି ପରିଷଦ କଂଗ୍ରେସ ମୁକ୍ତ ହୋଇଯାଇଛି।

ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ତେଣୁ ଚଳିତ ମାସରେ ନିର୍ବାଚନ ହେବା ଅସମ୍ଭବ ହୋଇଛି। ସାଧାରଣ ନିର୍ବାଚନ ଓ ପୌର ନିର୍ବାଚନ ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ଜାନୁୟାରୀ ୪ରେ ପ୍ରକାଶିତ ହେବାର ସରକାରୀ କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ପୌର ନିର୍ବାଚନ ବିଳମ୍ବ ହେବାର ସ୍ପଷ୍ଟ ହୋଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ସେପ୍ଟେମ୍ବର ୨/୨୦୧୮ Berhampur, Sunday, September, 2/ 2018


## ସଂକ୍ଷେପରେ

### ବ୍ରହ୍ମପୁର ଉପଜିଲାପାଳ ହେଲେ ଭାରପ୍ରାପ୍ତ ଡିଆରଡିଏ ପିଡି

ଛତ୍ରପୁର,୧।୯(ଡି.ଏନ.ଏ)-ବ୍ରହ୍ମପୁର ଉପଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ୩୧ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ ଡିଆରଡିଏ ପିଡି ଥିବା ବିଜୟ ଅମୃତା କୁଲାଙ୍ଗେ ଗଞ୍ଜାମ ଜିଲାପାଳ ନିଯୁକ୍ତ ହେବା ପରେ ଏହି ପଦବୀ ଖାଲି ପଡିଥିଲା। ଅନ୍ୟପକ୍ଷରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଏନଫୋର୍ସମେଣ୍ଟ ଓଏସଡି ଦିଗନ୍ତ ରାଉତରାୟ କିଛିଦିନ ପୂର୍ବରୁ ବ୍ରହ୍ମପୁର ଉପଜିଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ଦେଓଗଡ ଜିଲା ତେଲେଇବଣିର ବିଡିଓ ରାଜେନ୍ଦ୍ର ମିଶ୍ରଙ୍କୁ ଭଞ୍ଜନଗର ଉପଜିଲାପାଳ ଭାବେ ନିଯୁକ୍ତି ମିଳିଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି,୧।୯(ଡି.ଏନ.ଏ)- ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଭ୍ରମରବାଡ଼ି ପଞ୍ଚାୟତ ନୂଆସାହିର ସୁନୀଲ ପ୍ରଧାନ ଏବଂ ୨୦୦୪ ମସିହାରୁ ଫେରାର ରହିଥିବା ଗ୍ରୀନବାଡ଼ି ପଞ୍ଚାୟତର ରଜତ ନାୟକ ବୋଲି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ସୁନିଲଙ୍କ ନାମରେ ଦାରିଙ୍ଗବାଡ଼ି, ବାଲିଗୁଡ଼ା, ଗଞ୍ଜାମ ଜିଲା ସୋରଡ଼ା ଏବଂ ରାଜ୍ୟର ବିଭିନ୍ନ ଥାନାରେ ମାମଲା ରହିଛି। ସେ ଦାରିଙ୍ଗବାଡ଼ି-ସୋରଡ଼ା ଘାଟି ରାସ୍ତାରେ ଯାତ୍ରୀଙ୍କ ଠାରୁ ସୁନୀଲ ଲୁଟପାଟ ସହ ବିଭିନ୍ନ ସମୟରେ ଲୋକଙ୍କୁ ବ୍ଲାକମେଲିଂ କରି ଟଙ୍କା ଆଦାୟ କରୁଥିବା ନେଇ ମାମଲା ରହିଛି। ସୁନିଲ ଭ୍ରମରବାଡ଼ିର ରାସକୁଆ ଗ୍ରାମଠାରୁ ୩ କିମି ଦୂର ଏକ ପାହାଡ଼ରେ ନିଜ ଆଡ୍ଡା କରିଥିଲେ। ସେଠାରେ ମାଓବାଦୀଙ୍କ ଚଳପ୍ରଚଳ ରହିଥିବାରୁ ନିରାପଦ ମଣୁଥିଲେ ବୋଲି ପୋଲିସ କହିଛି। ତାଙ୍କୁ ଧରିବା ପାଇଁ 'ଅପରେଶନ ସୁନୀଲ' ଚାଲିଥିଲା। ଆଇଆଇସି ଙ୍କ ସମେତ ଏଏସଆଇ ଆର. ଭିମୋରାଓ ରେଡ୍ଡୀ ଏବଂ ଫୋର୍ସ ଯୋଜନା ମୁତାବକ ଜଙ୍ଗଲ ରାସ୍ତାରେ ଉକ୍ତ ପାହାଡ଼କୁ ଯାଇ ସୁନୀଲଙ୍କୁ କାବୁ କରିଥିଲେ। ସୁନୀଲଙ୍କ ସହଯୋଗୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବ୍ ଶିଘ୍ର ଗିରଫ କରାଯିବ ବୋଲି ଆଇଆଇସି ଗରଡ଼ିଆ କହିଛନ୍ତି। ବାଲିଗୁଡା ଓ ସୋରଡା ପୋଲିସ ସୁନୀଲଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବେ। ସେହିପରି ସୁନୀଲଙ୍କ ସହଯୋଗୀ ଗ୍ରୀନବାଡ଼ି ପଞ୍ଚାୟତର ରଜତ ନାୟକଙ୍କୁ ତାଙ୍କ ଘରୁ ଗିରଫ କରାଯାଇଥିଲା।

## ■ ଡାଙ୍ଗିଡ଼ିକିଆ ଅଙ୍ଗନୱାଡି କେନ୍ଦ୍ରରେ ତାଲା
# ଜିଦ୍‌ରେ ଅଟଳ ଗ୍ରାମବାସୀ, ଫେରିଲା ପ୍ରଶାସନ

ଫିରିଙ୍ଗିଆ, ୧।୯

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡାଙ୍ଗିଡିକିଆ ଅଙ୍ଗନୱାଡି କେନ୍ଦ୍ରରେ ମାସେ ହେଲା ତାଲା ପଡ଼ିଛି। ଉକ୍ତ କେନ୍ଦ୍ରର ସହାୟିକା ଏବଂ କର୍ମୀଙ୍କୁ ବାହାର ନ କରିବା ପର୍ଯ୍ୟନ୍ତ ତାଲା ଫିଟିବ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଛନ୍ତି। ଶୁକ୍ରବାର ପ୍ରଶାସନିକ ଅଧିକାରୀମାନେ ସେଠାକୁ ଯାଇଥିଲେ ମଧ ତାଲା ଫିଟାଇ ନ ପାରି ଫେରିବାକୁ ବାଧ ହୋଇଛନ୍ତି। ମାସେ ହେଲା ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିବାରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ବ୍ୟାହତ ହୋଇଛି। ପିଲାମାନେ ପଢ଼ିବାକୁ ଆସି ପାରୁନାହାନ୍ତି। ଖାଦ୍ୟ ରନ୍ଧା ଯାଉନାହିଁ। ସମସ୍ୟାର ସମାଧାନ ପାଇଁ ସିଡିପିଓ ମଞ୍ଜୁଳା ପ୍ରଧାନ, ଫିରିଙ୍ଗିଆ ଥାନା ପୋଲିସ ଏବଂ ଅତିରିକ୍ତ ତହସିଲଦାର ଡାଙ୍ଗିଡିକିଆ ଗ୍ରାମକୁ ଯାଇଥିଲେ। ହେଲେ ଗ୍ରାମବାସୀ କର୍ମୀ ଓ ସହାୟିକାଙ୍କୁ ବାହାର କରିବାକୁ ଜିଦ୍ ଧରିବାରୁ ସମସ୍ୟା ସମାଧାନ ହୋଇ ପାରି ନ ଥିଲା। ଏ ନେଇ ସିଡିପିଓ ପ୍ରଧାନ କହିଛନ୍ତି ଯେ, ଆମେ ଏ ସଂକ୍ରାନ୍ତରେ ଫୁଲବାଣୀ ଉପ ଜିଲାପାଳଙ୍କୁ ଅବଗତ କରିଛୁ। ସୂଚନାଯୋଗ୍ୟ, ଡାଙ୍ଗିଡିକିଆ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରର ସହାୟିକା କୁମନ୍ତି କହଁର ଗତ ଫେବୃଆରୀ ମାସରେ ଗ୍ରାମରେ ହୋଇଥିବା ନାଚ କାର୍ଯ୍ୟକ୍ରମ ପାଇଁ ୧୨୦୦ ଟଙ୍କା ଚାନ୍ଦା ନ ଦେଇ ପାରିବାରୁ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏପ୍ରିଲ ମାସରେ ସେ ଏହି ଟଙ୍କା ଦେଇଥିଲେ ମଧ ଗ୍ରାମ ନାଚ କମିଟି ଏହାକୁ ଫେରାଇ ଦେଇ କେନ୍ଦ୍ରକୁ ନ ଆସିବା ପାଇଁ ତାଗିଦ୍ କରିଥିଲା। ଅଗଷ୍ଟ ୨ ତାରିଖରେ କୁମନ୍ତି ଅଙ୍ଗନୱାଡି କେନ୍ଦ୍ରକୁ ଯିବାରୁ ତାଙ୍କୁ ବାହାର କରି ତାଲା ପକାଇ ଦିଆଯାଇଥିଲା। ଏ ନେଇ ୱାଡମେମ୍ବର ଓ ସିଡିପିଓଙ୍କୁ କୁମନ୍ତି ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସହାୟିକା ଜଣକ ଠିକ୍ ଭାବେ କାମ କରୁ ନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି।

# ବୈଜ୍ଞାନିକ ଶେଷ କିସାନଙ୍କ କଥା ଶୁଣିଲେ ଛାତ୍ରୀଛାତ୍ର



ଭିଡିଓ କନଫରେନ୍ସିଂରେ ଉପସ୍ଥିତ ଜିଲାପାଳ, ଡିଇଓ ଓ ଛାତ୍ରୀଛାତ୍ରମାନେ।

ଛତ୍ରପୁର,୧।୯(ଡି.ଏନ.ଏ):

ସମ୍ବଲପୁର ଅଞ୍ଚଳର ରସାୟନ ବିଜ୍ଞାନୀ ଶେଷ କିସାନଙ୍କ କର୍ମମୟ ଜୀବନ କାହାଣୀ ଶନିବାର ଭିଡିଓ କନଫରେସିଂ ଜରିଆରେ ସ୍କୁଲ ଛାତ୍ରୀଛାତ୍ରମାନେ ଶୁଣିଛନ୍ତି। ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓ୍ୱାନ୍ ଭିଡିଓ କନଫରେସିଂ ହଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲାର ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ସମେତ ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ମଧ ଉପସ୍ଥିତ ଥିଲେ। ଶେଷ କିଭଳି ପରିଶ୍ରମ କରି ବୈଜ୍ଞାନିକ ହେଲେ ସେ ସମ୍ପର୍କରେ ଜଣାଇଥିଲେ। ସେ ଅଧିକ ଗବେଷଣା ପାଇଁ ଜର୍ମାନୀ ଯିବେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିଲା। ଭୁବନେଶ୍ୱରସ୍ଥିତ ସଚିବାଳୟରେ ଭିଡିଓ କନଫରେସିଂ ଆୟୋଜନ କରାଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜି.ଉଦୟଗିରିରେ ସ୍ୱାୟତ୍ତ ଶାସନ ଦିବସ

ଜି.ଉଦୟଗିରି,୧।୯(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ଟାଉନ ହଲଠାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଭୁବନେଶ୍ୱରର ଅଧକ୍ଷା ଲତିକା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ତହସିଲଦାର ଭିକାରୀ ସାହୁ, ଏନ୍‌ଏସି ଉପାଧକ୍ଷା ଭାନୁପ୍ରଭା ମିଶ୍ର ସମ୍ମାନିତ ଅତିଥି ଭାବେ ଓ କଳିଙ୍ଗ ମହାବିଦ୍ୟାଳୟର ଅଧକ୍ଷ ଡ଼. ସରୋଜ କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାଉନସିଲର ସମୀର କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ କିରାଣି ସତ୍ୟ ପ୍ରକାଶ ମହାପାତ୍ର ବିବରଣୀ ପାଠ କରିଥିଲେ। ୧, ୩ ଓ ୪ନଂ ୱାର୍ଡକୁ ବାହ୍ୟ ମଳମୁକ୍ତ ୱାର୍ଡ ଘୋଷଣା କରାଯାଇଥିଲା। ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ଏନ୍‌ଏସି କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାଉନସିଲର ଜାଲିନା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଥିଲେ। ସିଇଓ ସରିତା ରଥ, ଏନଏସି ସ୍ୱାସ୍ଥ୍ୟ ଅଧିକାରୀ ସୁରେନ ବିଷୋୟୀ ଓ ଏନଏସି ଆକାଉଣ୍ଟାଣ୍ଟ ଶିବ ଶଙ୍କର ଦାସ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧକ୍ଷ ଓ ଉପାଧକ୍ଷାଙ୍କ ସମେତ ସମସ୍ତ କାଉନସିଲର ମଞ୍ଚାସୀନ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### କ୍ଷେତ୍ରଶନରୁ ୬ ଶ୍ରମିକ ଉଦ୍ଧାର

ଛତ୍ରପୁର,୧।୯(ଡି.ଏନ.ଏ)

ବିଶାଖାପାଟଣାରେ କାମ କରିବା ପାଇଁ ଶନିବାର ବେଆଇନ୍ ଭାବେ ୬ ଶ୍ରମିକଙ୍କୁ ନିଆଯାଉଥିବା ବେଳେ ଛତ୍ରପୁର ପୋଲିସ ସ୍ଥାନୀୟ ଷ୍ଟେଶନରୁ ସେମାନଙ୍କୁ ଉଦ୍ଧାର କରିଛି। ଶ୍ରମିକମାନଙ୍କ ଘର ରମ୍ଭା ଥାନା ଖଣ୍ଡଦେଉଳି ଗୌଡ ସାହିରେ। ସେମାନଙ୍କୁ କାମ କରାଇବା ପାଇଁ ନେଉଥିବା ଏଜେଣ୍ଟଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଏ ନେଇ ଛତ୍ରପୁର ଥାନା ପକ୍ଷରୁ ଏକ ମାମଲା (ନଂ-୧୨୭/୧୮) ରୁଜୁ ହୋଇଛି।

# ପୋଲସରାରେ ସ୍ୱାୟତ୍ତ ଶାସନ ଦିବସ



ମଞ୍ଚାସୀନ ଅତିଥିବୃନ୍ଦ।

ପୋଲସରା,୧।୯(ଡି.ଏନ.ଏ.)

ପୋଲସରା ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଭାତ ଫେରି ସହ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ, ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ଡ୍ରେସ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଗୋପବନ୍ଧୁ ହାଇସ୍କୁଲ ପରିସରରେ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି, ବିଡିଓ ଶମ୍ଭୁନାଥ ନନ୍ଦି, ବ୍ଲକ ଅଧକ୍ଷ ବଳରାମ ସେଠି, ଉପାଧକ୍ଷ ସଂଯୁକ୍ତା ବାଡ଼ତ୍ୟା, ଏନଏସି ଉପାଧକ୍ଷା ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଏବଂ ପୋଲସରା କଲେଜ ଅଧାପକ ପ୍ରମୋଦ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାୟତ୍ତ ଶାସନ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସିନେ ତାରକା ଅର୍ଚ୍ଚିତା ଯୋଗଦେଇ ଉପସ୍ଥିତ ଦର୍ଶକମାନଙ୍କୁ ଖୁସି କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ।

# ଛାତ୍ରୀଙ୍କୁ ଅସଦ୍‌ବ୍ୟବହାର ଅଭିଯୋଗରେ ୩ ଗିରଫ

ଗୋପାଳପୁର,୧।୯

ଜଣେ ଛାତ୍ରୀଙ୍କୁ ଅସଦ୍ ବ୍ୟବହାର ଅଭିଯୋଗରେ ୩ ଯୁବକଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୋରଳ ଗ୍ରାମ ବଡ଼ସାହିର ଟିଟୁ ବେହେରା, କେଶବ ଚନ୍ଦ୍ର ବେହେରା ଓ ରିଙ୍କୁ ବେହେରା। ଛାତ୍ରୀ ଜଣକ କଲେଜରୁ ଅଗଷ୍ଟ ୨୯ରେ ଘରକୁ ଫେରିବା ପାଇଁ ଅଟୋରେ ବସିଥିବା ସମୟରେ ୩ ଅଭିଯୁକ୍ତ ଅସଦ୍ ବ୍ୟବହାର କରିଥିଲେ। ଏନେଇ ଛାତ୍ରୀଜଣକ ଘରକୁ ଫେରି ସ୍ୱାମୀଙ୍କୁ ଜଣାଇବା ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬୫/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ଡ଼. ଆଲୋକ କୁମାର ଜେନା ସୂଚନା ଦେଇଛନ୍ତି।




# ଜନ୍ମାଷ୍ଟମୀ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ଫୁଲବାଣୀ ଅଫିସ, ୧।୯

ରବିବାର ଜନ୍ମାଷ୍ଟମୀ। ଏଥିପାଇଁ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଚକାପାଦ ଏବଂ ତୁମୁଡିବନ୍ଧସ୍ଥିତ ଜଲେଶପଟ୍ଟା ଆଶ୍ରମରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାରେ ସୁରକ୍ଷା ଦୃଷ୍ଟିରୁ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳରେ କୋମ୍ବିଂ, ବ୍ଲକିଂ ଓ ପାଟ୍ରୋଲିଂ କରାଯିବା ସହ ଜିଲାକୁ ଆସୁଥିବା ଯାନ ବାହାନ ଉପରେ କଡା ନଜର ରଖାଯାଇଛି। ଆଇନ ଶୃଙ୍ଖଳା ଦାୟିତ୍ୱରେ କିଛି ବଛା ବଛା ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇ ପ୍ରତ୍ୟେକ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ଲକିଂ ଓ ଚେକିଂ ଆରମ୍ଭ ହୋଇଛି। ରାତ୍ର ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।




# ମଦ ଦୋକାନ ସ୍ଥାନାନ୍ତର ଦାବି

ତୁମୁଡିବନ୍ଧ,୧।୯(ଡି.ଏନ୍.ଏ.)

ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଅପରାହ୍ନ ୧ଟା ସମୟରେ କନ୍ଧମାଳ ଜିଲା ତୁମୁଡିବନ୍ଧରେ ଥିବା ଠିପିବନ୍ଧ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବାକୁ ଦାବି ହେଉଛି। ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକମାନେ ନିଷ୍ପତ୍ତି ନେଇ ମଦ ଦୋକାନ ସ୍ଥାନାନ୍ତର ନ ହେବା ଯାଏ ବିକ୍ରି ବନ୍ଦ କରିବାକୁ କହିଥିଲେ। ତୁରନ୍ତ ଏହା ସ୍ଥାନାନ୍ତର ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ମଧ ଦିଆଯାଇଛି। ପ୍ରକାଶ ଯେ, ସରକାରୀ ଗାଇଡଲାଇନ ଅନୁସାରେ ଦୋକାନ ଖୋଲାଯାଇନାହିଁ। ଦୋକାନ ଠାରୁ ୫୦ ମିଟର ଦୂରରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ଚର୍ଚ୍ଚ ରହିଛି। ୧୦୦ ମିଟର ଦୂରରେ ଶନି ଓ ଜଗନ୍ନାଥ ମନ୍ଦିର ମଧ ରହିଛି। ଏହା ସହ ୫ନଂ ରାଜ୍ୟ ରାଜପଥର ୧୦୦ ମିଟର ଦୂରରେ ମଧ ଏହି ଦୋକାନ ରହିଛି। ଏନେଇ ଚର୍ଚ୍ଚ କମିଟି, ଶନି ମନ୍ଦିର କମିଟି, ଜଗନ୍ନାଥ ମନ୍ଦିର କମିଟି, ବଣିକ ସଂଘ ତରଫରୁ ମଧ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଦୋକାନକୁ ଯାଇ ବିକ୍ରି ବନ୍ଦ କଲୁ ବୋଲି କମିଟି ସଦସ୍ୟମାନେ କହିଛନ୍ତି। ଏନେଇ ଅବକାରୀ ଆରକ୍ଷୀ ଅଧୀକ୍ଷକ କନ୍ଧମାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସାଧାରଣ ଲୋକଙ୍କ ଅଭିଯୋଗ ଏସ୍‌ଡିପିଓ ବାଲିଗୁଡାଙ୍କ ଜରିଆରେ ଆସିବାରୁ ସ୍ଥାନାନ୍ତର ପାଇଁ ଚିଠି କରିଥିଲୁ। ବର୍ତ୍ତମାନ ଏହା ହାଇକୋର୍ଟରେ ବିଚାରାଧୀନ ଥିବାରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ହେବ ନାହିଁ।

### ବସ୍ ଓଲଟି ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

ଆସିକା,୧।୯(ଡି.ଏନ୍.ଏ.)

ଗାଙ୍ଗପୁର ଥାନା କଣ୍ଟେଇପଲ୍ଲୀ ସୋରଡ଼ା ରାସ୍ତାର ବଡ଼ ବୋରସିଙ୍ଗି ନିକଟରେ ଶନିବାର ରାତ୍ରି ପ୍ରାୟ ସାଢ଼େ ୭ରେ ଏକ ବସ୍ ଓଲଟି ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭଞ୍ଜନଗରରୁ ସୋରଡ଼ା ଯାଉଥିବା ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଏହି ଦୁର୍ଘଟଣାରେ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।





2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ